
ISSN 0973-3264

# ସପ୍ତର୍ଷି



ଦ୍ୱିତୀୟ ସଂଖ୍ୟା - ୨୦୨୧

(ଏପ୍ରିଲ - ଜୁନ୍)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| | **ପ୍ରବନ୍ଧ ଓ ସମାଲୋଚନା ବିଭାଗ :-** | | |
| ୧. | ସାଂସ୍କୃତିକ ଭାବ ବିନିମୟରେ ଭାଷା ପ୍ରବାହର ଉପଲବ୍ଧି | ପ୍ର. ମଣୀନ୍ଦ୍ର କୁମାର ମେହେର | ୧ |
| ୨. | ଉଦ୍‌ବୋଧନର ଆଲୋକରେ ରାଧାମୋହନ ଗଡ଼ନାୟକ | ଡକ୍ଟର ଶୁକମୁନି ମେହେର | ୬ |
| ୩. | ଆଧୁନିକ ଓଡ଼ିଆ କବିତାରେ ବାମାବାଦୀ ଚେତନା | ପ୍ର. ଗିରିଜା ଶଙ୍କର ଶର୍ମା | ୧୩ |
| ୪. | 'ଫିମେଲ୍ ହିରୋ ପରିକଳ୍ପନାରେ କିଶୋରୀ ଚରଣ ଦାସଙ୍କ ଉପନ୍ୟାସ: ଏକ ଦୃଷ୍ଟିପାତ | ହିମାଂଶୁ ମହାକୁର | ୨୧ |
| ୫. | ଦୂର ପଥର ପଥିକ : ପଥିକ ଦୃଷ୍ଟିରେ ଅପାର୍ଥିବ ଅନୁଭୂତି | ଚିନ୍ମୟ ସାହୁ | ୨୮ |
| ୬. | ଗାଳ୍ପିକ ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପରେ ଆଦିବାସୀ ଜୀବନ ଚିତ୍ର | ବର୍ଷା ମିଶ୍ର | ୩୬ |
| ୭. | ଭୁବନେଶ୍ୱର ବେହେରାଙ୍କ ଗଳ୍ପରେ ଆଦିବାସୀ ଜୀବନ | ଡ. ନାକୁ ହାଁସ୍‌ଦାଃ | ୪୨ |
| ୮. | ଓଡ଼ିଆ ଉପନ୍ୟାସରେ ଗାନ୍ଧୀ ଦର୍ଶନ | ଡ. ଜୟନ୍ତ କୁମାର ଦାସ | ୪୬ |
| | **ଗଳ୍ପ ବିଭାଗ :-** | | |
| ୧. | ଅଭାଗିନୀ | କଲ୍ୟାଣୀ ତ୍ରିପାଠୀ | ୫୬ |
| ୨. | ନିର୍ବାସିତର ଆତ୍ମକଥା ମୂଳରଚନା- ଭୋଲାନାଥ ମୁଖୋପାଧ୍ୟାୟ | ଅନୁବାଦ- କିଶୋର ଚନ୍ଦ୍ର ମେହେର | ୬୧ |
| ୩. | ଆତ୍ମଗଳ୍ପ | ଡକ୍ଟର ସଂଘମିତ୍ରା ମିଶ୍ର | ୭୦ |

# ଭୁବନେଶ୍ୱର ବେହେରାଙ୍କ ଗଳ୍ପରେ ଆଦିବାସୀ ଜୀବନ

ଡ. ନାକୁ ହାଁସଦାଃ

ଓଡ଼ିଶା ସାହିତ୍ୟ କ୍ଷେତ୍ରରେ ଭୁବନେଶ୍ୱର ବେହେରା ଜଣେ ଖ୍ୟାତିସମ୍ପନ୍ନ ସ୍ରଷ୍ଟା ଭାବେ ସ୍ଥାନ ଲାଭ କରିଛନ୍ତି । ଏହି ସାହିତ୍ୟ ସାଧନା କ୍ଷେତ୍ରରେ ସେ ବହୁ ବିଳମ୍ବରେ ପ୍ରବେଶ କରିଥିଲେ ମଧ୍ୟ ପରବର୍ତ୍ତି ପର୍ଯ୍ୟାୟରେ ସଫଳତାର ଗୋଟାକ ପରେ ଗୋଟାଏ ପାହାଚ୍ ଅତିକ୍ରମ କରି ବହୁ ଉର୍ଦ୍ଧ୍ୱକୁ ଉଠି ନିଜକୁ ପ୍ରତିଷ୍ଠିତ କରାଇ ପାରିଥିଲେ । ତାଙ୍କ ସାହିତ୍ୟିକ ଜୀବନ ସମ୍ବନ୍ଧରେ ମତବ୍ୟକ୍ତ କରାଯାଏ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ପ୍ରକାଶିତ ହେଉଥିବା 'ସପ୍ତର୍ଷି' ପତ୍ରିକା ଓ ଭୁବନେଶ୍ୱର ବେହେରା ଉଭୟେ ଉଭୟଙ୍କୁ ଗଢି ତୋଳିଥିଲେ । କାରଣ ସପ୍ତର୍ଷି ପତ୍ରିକା ୧୯୭୨ ମସିହାରେ ପ୍ରକାଶିତ ହେବା ଆରମ୍ଭ କଲାବେଳକୁ ପ୍ରଫେସର ବେହେରା ଥିଲେ ଏହି ବିଶ୍ୱବିଦ୍ୟାଳୟର କୁଳପତି ଏବଂ ଏହାର ମୁଖ୍ୟ ସୂତ୍ରଧର । ପରେ ଏହି ପତ୍ରିକା ହିଁ ସାହିତ୍ୟିକ ଭୁବନେଶ୍ୱର ବେହେରାଙ୍କୁ ଗଢିବାରେ ସହାୟକ ହୋଇଥିଲା । ପରିଣାମସ୍ୱରୂପ ପୂର୍ବର ସ୍ଥାପତ୍ୟ କଳାର ଯନ୍ତ୍ରୀ ସାହିତ୍ୟର ଶିଳ୍ପୀ ହୋଇପାରିଥିଲେ । ଜଣେ ଦକ୍ଷ ପ୍ରଶାସନ ରୂପାନ୍ତରିତ ହୋଇଥିଲେ ସୁଦକ୍ଷ ସାହିତ୍ୟ ସାଧକ ଭାବେ । ସାହିତ୍ୟକୁ ଦାନ ଦେଇଗଲେ କେତେ ମୂଲ୍ୟବାନ ଗ୍ରନ୍ଥ ସମୂହ । ଯଥା: 'ଶୁଣପରୀକ୍ଷ' ଏବଂ 'ସହାବସ୍ଥାନ ନାମକ' ଦୁଇଟି ଲଳିତ ନିବନ୍ଧ ଗ୍ରନ୍ଥ, 'ପଶ୍ଚିମ ଆଫ୍ରିକାରେ ଓଡ଼ିଆଟେଙ୍କି' ଏକ ଭ୍ରମଣ କାହାଣୀ, ଚରିଖଣ୍ଡ ଗଳ୍ପ ପୁସ୍ତକ । ଯଥା: (୧) କଥା ଓ ଲଥା (୧୯୭୮-୧୦ଟି ଗଳ୍ପ), (୨) ଫରଫର ଉଡେ (୧୯୭୮- ୧୦ଟି ଗଳ୍ପ), (୩) ଅନ୍‌ସାରି ଚାଚା ଏବଂ ଅନ୍ୟାନ୍ୟ ଗଳ୍ପ (୧୯୭୯- ୧୧ଟି ଗଳ୍ପ), (୪) କହ ମନ୍ତ୍ରୀବର (୧୯୯୧- ୧୦ଟି ଗଳ୍ପ) । ଏତଦ୍ ବ୍ୟତୀତ ତାଙ୍କର ଏକ ଆତ୍ମଜୀବନ 1 ପୁସ୍ତକ ଗାଁର ଡାକ, ଯାହା ୧୯୯୪ ବର୍ଷ ସକାଶେ ଓଡ଼ିଶାର ସର୍ବୋଚ୍ଚ ସାହିତ୍ୟିକ ସମ୍ମାନ ପୁରସ୍କାର ଲାଭ କରିଅଛି ।

ଭୁବନେଶ୍ୱର ବେହେରାଙ୍କ ଜନ୍ମ ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲ୍ଲାର ଏକ ଅନାମଧେୟ ଗ୍ରାମ ମୁଣ୍ଡାଗୁଡା ଠାରେ ତା. ୧/୧/୧୯୧୬ ମସିହାରେ ହୋଇଥିଲା । ତେଣୁ ଛୋଟବେଳୁ ସେମାନଙ୍କୁ ସେ ବେଶ୍ ଭଲ ଭାବେ ଜାଣିଥିଲେ । କେବଳ ଜାଣିଥିଲେ କହିଲେ କଥାଟା ଠିକ୍ ହେବ ନାହିଁ ବରଂ ସେମାନଙ୍କୁ ଭଲଭାବେ, ଉତ୍ତମ ରୂପେ ବୁଝିଥିଲେ କହିଲେ ତିଳେମାତ୍ର ଅତ୍ୟୁକ୍ତି ହେବନାହିଁ । ସେଥିପାଇଁ ହିଁ ତାଙ୍କ କେତେକ ସାହିତ୍ୟ କୃତି ସମୂହରେ ଆଦିବାସୀମାନଙ୍କ ଜୀବନର ପ୍ରତିଛବି ଅଙ୍କନ କରାଯାଇଥିବା ଦେଖିବାକୁ ମିଳିଥାଏ । ଏହି ପ୍ରବନ୍ଧର ସୀମିତ କଳେବର ମଧ୍ୟରେ ସବୁ କଥାକୁ ଆଲୋଚନା କରାଯିବା ଅସମ୍ଭବ । ତେଣୁ ଆଲୋଚନାର ସୁବିଧା ଦୃଷ୍ଟିରୁ ଏଠାରେ କେବଳ ତାଙ୍କ କେତେଖଣ୍ଡ ଗଳ୍ପକୁ ନିଆଯାଇଅଛି । ଯେଉଁ ଗଳ୍ପଗୁଡିକରେ ଆଦିବାସୀଙ୍କ ଜୀବନର କଥା ଦେଖିବାକୁ ମିଳିଥାଏ । ଏହାକୁ ନିମ୍ନ ପ୍ରକାରେ ପର୍ଯ୍ୟାୟ କ୍ରମେ ଆଲୋଚନା କରାଯାଇପାରେ ।

ଧର୍ମ ବିଶ୍ୱାସ- ପ୍ରତ୍ୟେକ ମନୁଷ୍ୟ କୌଣସି ନା କୌଣସି ପ୍ରକାରେ ଧର୍ମବିଶ୍ୱାସ ସହିତ ନିଜକୁ ଯୋଡିଦେଇଥାନ୍ତି । ଏହି କ୍ଷେତ୍ରରେ ଆଦିବାସୀମାନେ ଅନ୍ୟମାନଙ୍କ ତୁଳନାରେ ଯଥେଷ୍ଟ ଆଗରେ ବୋଲି ଜଣାଯାଇଥାଏ । ଆଦିବାସୀମାନେ ଧର୍ମ ସହିତ ଏତେମାତ୍ରାରେ ନିବିଡ଼ ଯେ ଆବଶ୍ୟକ ସ୍ଥଳେ ସେମାନେ ନିଜପରି ଅନ୍ୟଏକ ମନୁଷ୍ୟକୁ ବଳିଦେବାକୁ ମଧ୍ୟ ପଶ୍ଚାତ୍‌ପଦ ହୋଇନାହାନ୍ତି । ପ୍ରତ୍ୟେକ କ୍ଷେତ୍ରରେ ସେମାନେ ଧର୍ମଦେବତାଙ୍କୁ ସାହାଯ୍ୟ କରିବା ପାଇଁ ପ୍ରାର୍ଥନା କରିଥାନ୍ତି । ତାହା ହୋଇପାରେ କୌଣସି ପ୍ରାକୃତିକ ବିଭିଷିକା, ରୋଗବୈରାଗ୍ୟ, ମାଲିମକଦ୍ଦମା ଯେକୌଣସି କ୍ଷେତ୍ର । ଏହି ଧରଣର ବିଶ୍ୱାସ ଅବଶ୍ୟ କେବଳ ଆଦିବାସୀ ସମାଜ ମଧ୍ୟରେ ସୀମିତ ହୋଇ ରହିନାହିଁ । ଏହା ପ୍ରାୟତଃ ଅନ୍ୟମାନଙ୍କ ସକାଶେ ମଧ୍ୟ ପ୍ରଯୁଜ୍ୟ, କିନ୍ତୁ ଅନ୍ୟମାନଙ୍କ

କ୍ଷେତ୍ରରେ ଏହାର ପରିବର୍ତ୍ତନ କିଛିଟା ଆସିଯାଇଥିବା ବେଳେ ଆଦିବାସୀଙ୍କ ଠାରେ ଏହି ପରିବର୍ତ୍ତନ ଏତେଟା ଆସିପାରିନାହିଁ ।

"କୃଷ୍ଣଚୂଡ଼ା ଠାକୁରାଣୀ" ଗଳ୍ପଟି ଏହି ଧରଣର । ଏଥିରେ ଗାଳ୍ପିକ ମହୁଲକୋଟ, କସ୍ତୁରୀପଦର, ସୁନାଡଙ୍ଗ୍ରୀ ଏବଂ କେନ୍ଦୁଗୁଡା ଏହି ଚାରିଗୋଟି ମୌଜାର ସନ୍ଧିଖୁଣ୍ଟ ରୂପେ ଦଣ୍ଡାୟମାନ କୃଷ୍ଣଚୂଡ଼ା ଗଛ । ଦୁଇ ଭିନ୍ନ ସମ୍ପ୍ରଦାୟର ଆଦିବାସୀ ଧାଙ୍ଗଡା 'କେଶବ' ଓ ଧାଙ୍ଗଡୀ 'ଦୂତୀ'ର ଅସଫଳ ପ୍ରେମଜନିତ ଆତ୍ମହତ୍ୟା ଘଟିଛି ଏହି କୃଷ୍ଣଚୂଡ଼ା ଗଛ ଡାଳରେ । ପରବର୍ତ୍ତୀ ପର୍ଯ୍ୟାୟରେ, ଏଥିରେ ଫୁଲ ନ ଫୁଟିବା ଉଭୟଙ୍କ ଅତୃପ୍ତ ଆତ୍ମାର ପ୍ରଭାବ ବୋଲି ଧରିନିଆଯାଇଛି । ରାଧୁବାବୁଙ୍କ ଭାର ବୋହି ନେଉଥିବା ଯୁବକ ମଧୁଆ ମୁଖରେ ଏହାର ସତ୍ୟତା ପ୍ରତିପାଦନ କରିବାକୁ ଯାଇ ଗାଳ୍ପିକ ଉଲ୍ଲେଖ କରେ- "ଦିନେ ଠାକୁରାଣୀ କସ୍ତୁରୀପଦରର ଜାନି ପୂଝାରୀକୁ ସପନେଇ କହିଲେ 'କୃଷ୍ଣଚୂଡ଼ା ଗଛ ତଳେ ଠୁଟିମାଏଲି' ଥାପି ଛେଳି, କୁକୁଡା ବଳିଦେବୁ ଯଦି, ଏ ଅଞ୍ଚଳ ରହିବ ନଇଲେ ଗଲା ଜାଣ । ସେହିଦିନ ପାଖରୁ ଏହି ଠାକୁରାଣୀ ପୂଜା ପାଇ ଆସୁଛନ୍ତି । ଭୁବନେଶ୍ୱର ବେହେରା ସେହି ତାଙ୍କରି ମୁହଁରେ ସେହି ଠାକୁରାଣୀଙ୍କ ପ୍ରତି ଅଞ୍ଚଳର ଲୋକଙ୍କ ବିଶ୍ୱାସ ପ୍ରକାଶ କରିବାକୁ ଯାଇ କୁହାଇଅଛନ୍ତି- ଜାଣିଲ ବାବୁ । ଏ ଠାକୁରାଣୀ ଭାରି ପ୍ରତ୍ୟକ୍ଷ ।"

ଆଦିବାସୀଙ୍କ ପରମ୍ପରାରେ ନିଜର ପୂର୍ବପୁରୁଷଙ୍କୁ ଦେବତା ରୂପରେ ପୂଜାର୍ଚ୍ଚନା କରିବାର ପରମ୍ପରା ରହିଛି । କଳାହାଣ୍ଡି ଅଞ୍ଚଳରେ ଏହାକୁ ଡୁମା ରୂପରେ ପୂଜା କରାଯାଇଥାଏ । ସେମାନଙ୍କ ବିଶ୍ୱାସ "କୌଣସି ଜାତିର ସୃଷ୍ଟି ଉତ୍ପତ୍ତି କାଳରେ, ମୂଳଦେବତାଙ୍କ ଠାରୁ ସେହିଜାତିର ଯେଉଁ ପ୍ରଥମ ପୁରୁଷ ଜନ୍ମନେଇ ସଂସାରରେ, ନିଜ ଜାତି ଓ ବଂଶର ବିସ୍ତାର କରିଥାନ୍ତି, ସେହି ଆଦି ପୁରୁଷଙ୍କ ମୃତ୍ୟୁ ପରେ ପରବର୍ତ୍ତୀ ବଂଶଧରଙ୍କ ଦ୍ୱାରା ସେ 'ପୁରୁଷାଦେବତା' ବା ଡୁମା ଦେବତା ରୂପେ ପୂଜିତ ହୁଅନ୍ତି । ଲୋକର ଦେହସିନା ମରେ ଲୋକର 'ଜି' କିମ୍ବା ଡୁମା ମରେ ନାହିଁ ।"

ଡୁକାବନ୍ଧ ଗଳ୍ପରେ ଅନୁରୂପ ଭାବେ ପୁତ୍ରହନ୍ତାର ପ୍ରତିଶୋଧ ନେବାଲାଗି କର୍ଏଁରୁ ମାଝୀ 'ଡୁମା' ପୂଜା କରି ମନ୍ତପାଣି ପିଇ ପାଲଟା ବାଘ ହୋଇଛି । ଗାଳ୍ପିକଙ୍କ ଭାଷାରେ - "କର୍ଏଁରୁ ସେ ରାତିରେ ଜହ୍ନ ଉଇଁଲା ବେଳକୁ ତାର ପିତୃପୁରୁଷର ଡୁମାମାନଙ୍କୁ ପୂଜାକରି ମନ୍ତପାଣି ପିଇ ପାଲଟା ବାଘ ହୋଇଗଲା ।"

ଆଦିବାସୀମାନେ ହେଉଛନ୍ତି କୃଷିଜୀବି । ତେଣୁ ତାଙ୍କ ପର୍ବପର୍ବାଣି ହେଉ ଅବା ଧର୍ମବିଶ୍ୱାସ କୃଷି ସହିତ ସମ୍ବନ୍ଧ ରହିବା ସ୍ୱାଭାବିକ । ଏହି ଧରଣର ଏକ ପରମ୍ପରା ହେଉଛି କଳାହାଣ୍ଡି ଅଞ୍ଚଳର କନ୍ଧ ସମ୍ପ୍ରଦାୟର 'ଟୋକୀ ପରବ' । ଏହି ପର୍ବ କନ୍ଧ ଗାଁମାନଙ୍କରେ ପ୍ରତି ପାଞ୍ଚବର୍ଷରେ ଥରେ ପାଳନ କରାଯାଇଥାଏ । ଶୁଣିବାକୁ ମିଳେ କୁଆଡେ ପୂର୍ବରୁ କନ୍ଧମାନେ ଏହି ପର୍ବରେ ଏକ ଟୋକୀଙ୍କୁ ବଳି ଦେଉଥିବାର ପରମ୍ପରା ଥିଲା । ସେଥିପାଇଁ ଏହି ପର୍ବର ନାମକରଣ ଏପରି କରାଯାଇଅଛି । ଏବେ ଅବଶ୍ୟ ଏହି ଟୋକୀ ସ୍ଥାନରେ ଏକ ମେଣ୍ଢାକୁ ବଳି ଦିଆଯାଉଅଛି । କନ୍ଧମାନଙ୍କ ବିଶ୍ୱାସ ବଳି ଦିଆଯାଉଥିବା ଏହି ମେଣ୍ଢାର ରୁମ, ଚମ, ରକ୍ତ, ମାଂସ ଯେକୌଣସି ଟିକକ ଆଣି ନିଜ ଜମିରେ ପୋତିଲେ ସେଠାରେ ଭଲ ଫସଲ ହୁଏ, ଘରେ ପୋତିଲେ ଘରକୁ କୌଣସି ସଂକ୍ରାମକ ରୋଗ ଏବଂ ଭୂତପ୍ରେତ ପରି କୌଣସି ଅନିଷ୍ଟ କାରକ ଶକ୍ତି ପ୍ରବେଶ କରିପାରନ୍ତି ନାହିଁ । ଏଥିପାଇଁ ହିଁ ଏହି ଟିକକ ପାଇବା ପାଇଁ ସେମାନଙ୍କ ଭିତରେ କେତେ ଠେଲାପେଲା ପ୍ରତିଯୋଗିତା । ଗାଳ୍ପିକ ଏହି ପର୍ବ ତଥା ଧର୍ମବିଶ୍ୱାସ ସମ୍ବନ୍ଧରେ ତାଙ୍କର ଗଳ୍ପ 'ଚିତ୍ରି ଓ ତାର ପୁଷ୍ପରବ' ଗଳ୍ପରେ ସୁନ୍ଦର ଭାବେ ବର୍ଣ୍ଣନା କରିଅଛନ୍ତି । ଚିତ୍ରି ମୁହଁରେ ଗାଳ୍ପିକ ବେହେରା କହିଛନ୍ତି -

"ପୁଷ୍ ପୁନେଇଁ ଆଗ ସପ୍ତାହର ହାଟ ପାଳିରୁ ଉତ୍ସବ ଆରମ୍ଭ ହୋଇଯିବ । ମଙ୍ଗଳବାର ହାଟବାଟ କରିବ, ବୁଧବାର ପତର ତୋଳିବ, ଗୁରୁବାର ଗୁରୁପୂଜା, ଶୁକ୍ରବାର ସୁଖେ ଖାଇବେ, ଶନିବାର ଧାଇଁବେ, ରବିବାର ମାରିବେ, ସୋମବାର ଯୋଗାରିବେ ।"

ପୁନଶ୍ଚ ସେ କହିଛି-

"ରବିବାର ଗଡ୍‌ରା ବଳି ହେବା ଦିନ । ଭୋର ପାହାନ୍ତିଆରୁ ଆଖପାଖ ସବୁ ଗାଁରେ 'ଜାନି ଗୁରୁମେ'ମାନେ ଗଡ୍‌ରାକୁ ଗାଧୋଇ ପାଧୋଇ ପୂଜା କରିବେ । ସବୁ ରକମ ବାଜା

ବାଜୁଥିବ । ଚାରିଆଡେ ଦୋକାନ ବଜାର ହୋ-ହୋ-ଘୋ-ଘୋ ଶୁଭୁଥିବ ଗଡ଼ରାକୁ ସୁନାଡଙ୍ଗ୍‌ରୀର 'ଜାନି' ବୋହିନେବେ ତା ଘରକୁ । ସେ ବି ପିନ୍ଧିଥିବ କାଚଲଗା ଘାଗରା ବେକରେ ମନ୍ଦାର ଫୁଲମାଳ, ପୂଜା ଦେଇଥିବା ମଦ ପିଇଥିବ ଡୋଟିଯାଏ, 'ଗୁରୁମେ'ମାନେ ପାଣି କଳସ, ଧୂପ ନିଆଁ ଧରି ନାଚୁଥିବେ- ସେମାନେ ବି ପିଇଥିବେ ହୋସ୍ ନବୁଡ଼ିବା ଯାଏ । ଆଉ ଗଡରା ବୋହିଥିବା 'ଜାନି' ଘରିପାଖେ ଘଲିଥିବେ ।" କଳାହାଣ୍ଡି ଅଞ୍ଚଳର, କନ୍ଧମାନଙ୍କ ଏହି ପରମ୍ପରା ଏକ ନିଆରା ପରମ୍ପରା ଏହା ଅନ୍ୟ ଅଞ୍ଚଳର ଆଦିବାସୀ ପରମ୍ପରାରେ ଦୃଷ୍ଟି ଗୋଚର ହୁଏ ନାହିଁ ।

**ବିବାହ -**

ବିବାହ ମନୁଷ୍ୟ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ । କୁହାଯାଇଥାଏ ବିବାହ ପରେ ହିଁ ମନୁଷ୍ୟ ଜୀବନରେ ପୂର୍ଣ୍ଣାଙ୍ଗତା ଆସିଥାଏ । ଆଦିବାସୀମାନଙ୍କ ପରମ୍ପରାରେ ମଧ୍ୟ ଏହା ଠିକ୍ ସେହିପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଲଭିଥାଏ । ବିବାହ କ୍ଷେତ୍ରରେ ଆଦିବାସୀ ଯୁବକ ଯୁବତୀମାନେ ନିଜ ମନମୁତାବକ ଜୀବନ ସାଥି ଚୟନ କରିବାର ସ୍ୱାଧୀନତା ଦିଆଯାଇଅଛି । ଏଥି ସକାଶେ ସମାଜ କେବେହେଲେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି କରିନଥାଏ ବରଂ ଯୁବକ ଯୁବତୀଙ୍କ ପ୍ରେମକୁ ବିବାହରେ ରୂପାନ୍ତରୀତ କରିବା ସକାଶେ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିଥାଏ । କଳାହାଣ୍ଡିର ଆଦିବାସୀ ପରମ୍ପରାରେ କୈଶୋରାବସ୍ଥା ପରେ ପରେ ଉଭୟ ପୁଅ ଓ ଝିଅ ଯଥାକ୍ରମେ ଧାଙ୍ଗଡା ବସା ଓ ଧାଙ୍ଗଡୀ ବସାକୁ ଯାଇଥାନ୍ତି ବିବାହ ନକରିବା ଯାଏ । ଏହା ହେଉଛି ସେମାନଙ୍କ ସାଂସାରୀକ ଜୀବନକୁ ପ୍ରବେଶ କରିବା ପୂର୍ବରୁ ଶିକ୍ଷାନୁଷ୍ଠାନ । ଭୁବନେଶ୍ୱର ବେହେରା ଏହାକୁ ଆଦିବାସୀ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ କଥା ଭାବେ ଗ୍ରହଣ କରି ତାହାକୁ ତାଙ୍କ ଗଳ୍ପରେ ସ୍ଥାନ ଦେଇ ସବୁଦିନ ସକାଶେ ବାନ୍ଧି ରଖିଛନ୍ତି ।

'ଡୁକା-କନ୍ଧ' ଗଳ୍ପରେ ଗଳ୍ପପୁରୁଷ ଡୁକାକୁ ତାଙ୍କ ବିବାହ ସମ୍ବନ୍ଧରେ ମନେ ପକାଇବାକୁ ଯାଇ କୁହାଯାଇଅଛି- "ତମ ସମାଜରେ ପରା ଧାଂଡା ଧାଂଡିମାନେ ଘନ୍ଦିନୀ ରାତିରେ ମାଦଳ ପିଟି ଢ଼ାବ ରାମତାଳି ବଜାଇ ନାଚିଲା ବେଳେ ନିଜେ ନିଜେ ଯୋଡି ବାଛି ନିଅନ୍ତି, ଗୁନିକୁ ସେମିତି ତା ଯୋଡି ବାଛି ଦେବାକୁ ଛାଡି ଦେଉନ ।"

ଏହି ସାଥିଚୟନ ପ୍ରକ୍ରିୟା କେତେକ ସମ୍ପ୍ରଦାୟରେ ମୁଳରୁ ହିଁ ନଥିଲା । ଅନ୍ୟ କେତେକ ସମ୍ପ୍ରଦାୟରେ କ୍ରମଶଃ ଲୋପ ପାଇ ବସିଲାଣି । ପୂର୍ବୋକ୍ତ ଗଳ୍ପରେ ଡୁକାକନ୍ଧ କହନ୍ତି- "ନାହିଁ ଦଦା ଡଙ୍ଗଲାର କନ୍ଧ ପରଜାମାନେ ସିନା ଏବେବି ସେମିତି କରନ୍ତି, ଆମେ ତଳପଟ କନ୍ଧମାନେ ସେମିତି ବଛାବଛି କେବେଠୁ ଛାଡି ଦେଲୁଣି । ତମ ସମାଜ ପରି ଆମ ସାମଜରେ ବି ଏବେ ବାପା, ମାଆ, ଅଜା ଆଇମାନେ ବର ପାଇଁ କନ୍ୟା ଠିକ୍ କରନ୍ତି । ପଣ ଦିଆନିଆ ଘଲେ ।"

ବିବାହ ଅବସରରେ ସାଧାରଣ ସମାଜରେ କନ୍ୟାର ପିତା ବରକୁ ଯୌତୁକ ଦେବା ପ୍ରଥା ରହିଅଛି । ଏହି ଯୌତୁକ ବାବଦକୁ କେତେ କଣ ଦିଆଯିବ ଏହା ପୂର୍ବରୁ ନିର୍ଦ୍ଧାରଣ କରାଯାଇଥାଏ । କୌଣସି କାରଣ ବଶତଃ କନ୍ୟା ପକ୍ଷରୁ ଆଶାନୁରୂପ ଯୌତୁକ ଦିଆଯାଇ ନପାରିଲେ ଶେଷ ମୁହୂର୍ତ୍ତରେ ମଧ୍ୟ ବେଳେବେଳେ ବିବାହ ଭାଙ୍ଗିଥାଏ । ଏହାକୁ ନେଇ ଅନେକ ସମୟରେ ବିଭିନ୍ନ ସମସ୍ୟାମାନ ମଧ୍ୟ ଦେଖାଯାଉଛି, କିନ୍ତୁ ଆଦିବାସୀ ସମାଜରେ ଏହି ଧରଣର ସମସ୍ୟା ଦେଖାଦେଇ ନ ଥାଏ । କାରଣ ସେମାନଙ୍କର ଯୌତୁକ ପ୍ରଥା ନାହିଁ, ବରଂ ବର ପକ୍ଷରୁ କନ୍ୟାପକ୍ଷଙ୍କୁ କନ୍ୟାପଣ ଦିଆଯିବାର ପରମ୍ପରା ରହିଆସିଛି । ଏହା ପୁଣି ଅଲଗା ଅଲଗା ଆସିବାସୀଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରଥା ରୂପରେ ପ୍ରଚଳିତ । କେତେକଙ୍କ ଠାରେ ଏହି ପଣ ଅର୍ଥ ସମ୍ପୂର୍ଣ୍ଣଭାବେ ପୂର୍ବନିର୍ଦ୍ଧାରିତ ପ୍ରଥାନୁସାରେ ଘଲୁଥିବା ବେଳେ କେତେକ ବର୍ଗର ଆଦିବାସୀଙ୍କ ମଧ୍ୟରେ ଏହା କନ୍ୟାପିତାର ଦାବି ମୁତାବକ ଆଦାୟ କରାଯାଇଥାଏ ।

'ଡୁକାକନ୍ଧ' ଗଳ୍ପରେ ଏହି କନ୍ୟା ସୁନା ସମ୍ପର୍କୀୟ କଥାବସ୍ତୁ ଅବତାରଣା କରି ଗାଳ୍ପିକ ଉଲ୍ଲେଖ କରନ୍ତି- "ଗୁଖର ବାପା ଖଟ୍‌ଲୁ ଗୁଖକୁ ବାହା ହେବାପାଇଁ ସୁନାକୁ ପଣ ବାବଦରେ" ଯାହା କରିଛି ତାହା ହେଲା - ହେଉ ଗୁଖକୁ ନେବୁ, କିନ୍ତୁ ପଣଦେବୁ ଦୁଇଭରି ସୁନା, ବୋଜା ଦଶଟା, ମଦହାଣ୍ଡି । ଏସବୁ ଦେଖାଇଲେ ଯାଇ ଏଥର ଗୁଖର ହାତ ଛୁଇଁବୁ ।

ଆଦିବାସୀ ସମାଜରେ କେବଳ ଅଭିଆଡା ଝିଅର ବାହାଘର ହୁଏ ନାହିଁ, ଯେଉଁମାନେ ଅକାଳରେ ବିଧବା ହୋଇଛନ୍ତି, ସ୍ୱାମୀଙ୍କ ଠାରୁ ଛାଡ଼ପତ୍ର ପାଇଛନ୍ତି । ସେମାନଙ୍କର ମଧ୍ୟ ବାହାଘର ହୁଏ । 'ବିଲେଇ' ଗଳ୍ପରେ ବିଲେଇ ଥରେ ଛାଡ଼ରୀ ହୋଇ ୫ ଥରେ ବିଧବା ହୋଇ ମଧ୍ୟ ବିହା କରିଛି । ଏଥିପାଇଁ ହିଁ ବିଲେଇର ବାବା ଟୁଲୁ ବର ପକ୍ଷରୁ ପଣ ସ୍ୱରୂପ ଅଳ୍ପ ପରିମାଣର ମୂଲ୍ୟ ପାଇଥିଲା । ଗାଳ୍ପିକଙ୍କ ବର୍ଣ୍ଣନାରେ -

କମ୍ ସମୟରେ ଯୁବତୀ ଝିଅ ହେଲେ ମଧ୍ୟ ଛାଡ଼ରୀ କନ୍ୟା ବୋଲି ଯୁଆନ୍ ବରପାତ୍ର ବୋଲି ଆସୁନଥିଲେ । ଆଉ ଟିକିଏ ବେଶି ବୟସ ହୋଇ ଯାଇଥିଲେ । ବିଲେଇ ବାହା ହେବାକୁ ରୋକଠୋକ୍ ମନା କରି ନେଇଥିଲେ । ପରେ ଏକ ଭଲପାତ୍ରଟିଏ ଆସିଥିବାର ଦେଖି ନିହାତି ୧୫୦ ଟଙ୍କା ପଣରେ ଟୁଲୁ ଯେମିତି ଝିଅ ଦେବାକୁ ରାଜି ହୋଇଗଲେ । ବିଲେଇ ମଧ୍ୟ ସେଇ ନୂଆବର ଅଙ୍ଗରେ ଯିବାକୁ ଅମଙ୍ଗ ହେଲା ନାହିଁ ।

**ଆଦିବାସୀଙ୍କ ସରଳତା -**

ଆଦିବାସୀଙ୍କ ବିଭିନ୍ନ ଗୁଣାବଳୀ ମଧ୍ୟରୁ ଏହା ଅନ୍ୟତମ ଅଟେ । ଏହି ସରଳତା ଅନ୍ୟମାନଙ୍କ ଆଖିରେ ଆଦିବାସୀଙ୍କର ଏହା ହେଉଛି ଅଜ୍ଞତା । ସେମାନେ ଭାବି ନିଅନ୍ତି ଏମାନେ କିଛି ବୁଝୁ ନାହାନ୍ତି କି ଜାଣି ନାହାନ୍ତି । ଭୁବନେଶ୍ୱର ବେହେରା ତାଙ୍କର ଏହି ସରଳତାକୁ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରିବା ସକାଶେ ଯତ୍ନବାନ ହୋଇଛନ୍ତି ।

**ଫରଫର ଉଡ଼େ ପଣତକାନି**

ଏହି ଗଳ୍ପରେ ଦୁଇ ଆଦିବାସୀ ଦମ୍ପତି ଭଏଁରୀ ଓ ଟୁଲୁ ଶବରକୁ ନେଇ ରଚନା କରାଯାଇଅଛି । ଏଥିରେ ସରଳ ନିରୀହ ଟୁଲୁ ତା ଭାରିଯା ଭଏଁରୀ ଅଛି ଶାଢ଼ୀ ଆଣିବା ଉଦ୍ଦେଶ୍ୟରେ ସହରକୁ ଯିବା ସେଠାରେ ଠକାମିର ଶିକାର ହେବା ଘଟଣାକୁ ଉଲ୍ଲେଖ କରି ସମଗ୍ର ଜଗତର ଅସଂଖ୍ୟ ନିରୀହ ଆଦିବାସୀଙ୍କ କଥା କରିବାକୁ ସମର୍ଥ ହୋଇଛନ୍ତି । ଗଳ୍ପଟି ନିଛକ ଏକ ଗ୍ରାମୀଣ ପରିବେଶର କଥାବସ୍ତୁ ପରିପ୍ରକାଶ କରିବାକୁ ଯାଇ ଗାଳ୍ପିକ ଲେଖନ୍ତି -

"ରାତ୍ରିର ଗହୀରିଆ ଅନ୍ଧାରକୁ ଡ଼ହଲାଇ ଦେଇ କୁକୁଡ଼ାଟାଏ ଡାକିଲା "କଅକ୍‌ରେ - କକ୍ ।" କେମିତି ଗୋଟାଏ ଅଦ୍ଭୁତିଆ ସେଲ୍‌କ୍ ସ୍ୱରର ସେ ଡ଼ାକ । ମହାଡ଼ମ୍ବେ ଲଘୁକ୍ରିୟା ପରି ଡ଼ାକର ଆରମ୍ଭ ବି କରିଥିଲେ । ଯଦିଓ ବେଶ୍‌ଲମ୍ବା ଆଉ ଜାକଜମକିଆ, ଶେଷ ଭାଗ ବି ଯେମିତି ଭାବରେ ମିଳେଇ ଗଲା, ମନେହେଲା କଅକ୍‌ରେ କହିଦେଲା ଥରେ କୁକୁଡ଼ାଟି ତା'ର ଭୁଲ୍ ବୁଝିପାରି ଆଉ ଆଗକୁ ଡାକିବାକୁ ଚାହୁଁନି, କିନ୍ତୁ ପୂରା କରି ନ ଦେଲେ କାଳେ କିଏ କ'ଣ ସବୁ କହି ବସିବେ ସେ ଡ଼ରରେ ଡାକଟିକୁ କୌଣସିମତେ ଶେଷ କରିଦେଇ ନିଶ୍ଚିତ ହୋଇ ଯାଇଛି ।

କୁକୁଡ଼ାର ଏହି ଡାକ ମାଧ୍ୟମରେ ଗାଳ୍ପିକ ଅଭାବୀ ମଣିଷର ସ୍ୱପ୍ନବୋଧର କଥା ପରିପ୍ରକାଶ କରିବାକୁ ପ୍ରୟାସ କରିଥିବା ପରି ଅନୁମାନ କରାଯାଇପାରେ ।

ଭୁବନେଶ୍ୱର ବେହେରା ନିଜେ ଆଦିବାସୀ ପରିବାରର ନ ହୋଇଥିଲେ ମଧ୍ୟ ନିଜ ଅଞ୍ଚଳରେ ସେମାନଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ହୀରାକୁଦ ନଦୀବନ୍ଧ ଯୋଜନାରେ ଯନ୍ତ୍ରୀଭାବେ କାର୍ଯ୍ୟରତ ଥିବାବେଳେ ଏମାନଙ୍କର କର୍ମକୁଶଳତାକୁ ଖୁବ୍‌ପାଖରୁ ଦେଖିଛନ୍ତି । ସେହିପରି ରାଉରକେଲା ପରି ଶିଳ୍ପନଗରୀରେ ଏମାନେ ବିସ୍ଥାପିତ ହୋଇ ଯେଉଁସବୁ ସମସ୍ୟାର ସମ୍ମୁଖିନ ହୋଇଛନ୍ତି ଏବଂ ନବାଗତ ବାବୁମାନଙ୍କ ଦ୍ୱାରା କିପରି ଶୋଷଣ ଶିକାର ହୋଇଛନ୍ତି ଏହିସବୁ କଥାସବୁକୁ ସ୍ୱ-ଚକ୍ଷୁରେ ଦେଖିଥିବା ହେତୁ ତାଙ୍କ ସାହିତ୍ୟକୃତ ସମୂହରେ ଆଦିବାସୀଙ୍କ ଜୀବନର ବାସ୍ତବ ଚିତ୍ର ଦେଖିବାକୁ ମିଳିଥାଏ । ଏଥି ସକାଶେ ସେ ସବୁଦିନ ପାଇଁ ସାହିତ୍ୟର ଜଣେ ବିଶିଷ୍ଟ ସଫଳ ଶିଳ୍ପୀ ଭାବେ ନମସ୍ୟ ହୋଇ ରହିବେ ।

*ଅଧ୍ୟାପକ ଓ ବିଭାଗମୁଖ୍ୟ*
*ଓଡ଼ିଆ ବିଭାଗ*
*ସମ୍ବଲପୁର ବିଶ୍ୱବିଦ୍ୟାଳୟ*